## ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

ବାସୁଦେବପୁର,(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନୂଆସାହି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ନାୟକାଣିଡିହୀ ଥାନା ଅଧୀନ କଂସାରିପୁର ଗ୍ରାମର ହରିହର ଜେନା। ନାବାଳିକାଙ୍କ ମା' ଗତ ୬ ତାରିଖରେ ବାସୁଦେବପୁର ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୫୦୭/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ମଦନ ହେଲେ ସଭାପତି
#### ବରିଷ୍ଠ ନାଗରିକ ସଂଘ ନିର୍ବାଚନ

ଯୋଡ଼ା,୮ା୯(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ନେଇ ଗଢ଼ି ଉଠିଥିବା ସିନିୟର ସିଟିଜେନ ସର୍ଭିସେସ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଏଥିରେ ସଭାପତି ଭାବେ ମଦନ ମୋହନ ବାରିକ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ପଦବୀରେ ପିତାମ୍ବର ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେହିପରି ଚିଫ୍ ପେଟ୍ରନଭାବେ ଶିରିଶଚନ୍ଦ୍ର ମହାନ୍ତି, ଉପସଭାପତି ପଦରେ ସୁରେଶ ପ୍ରସାଦ, ଯୁଗ୍ମ ସମ୍ପାଦକ ଦିଲ୍ଲୀପ ଗୁପ୍ତା, ଅର୍ଗାନାଇଜ ସେକ୍ରେଟାରୀ ମାଧବ ସେନୋଓ ଓ କୋଷାଧ୍ୟକ୍ଷ ପଦରେ ଗୋପବନ୍ଧୁ ମୁଣ୍ଡା ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରାଯିବା ସଂଘର ଏକମାତ୍ର ଲକ୍ଷ୍ୟ ବୋଲି ନିର୍ବାଚିତ ପ୍ରତିନିଧି ସୂଚନା ଦେଇଛନ୍ତି।

### ଟ୍ରକ୍‌କୁ ଧକ୍କା ଦେଇ ବାଇକ ଆରୋହୀ ମୃତ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ପାଟଣା(ବୀର କିଶୋର ଦାଶ),୮ା୯ : କେନ୍ଦୁଝର ଜିଲା ଖିରେଇଟାଙ୍ଗିର ଟୋଲଗେଟ୍ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବାଉଁଶୁଳୀ ପଞ୍ଚାୟତ ନିଶ୍ଚିତପୁର ଗ୍ରାମର ତପନ କୁମାର ନାଏକ (୩୦)। ସେ ସନ୍ଧ୍ୟାରେ କେନ୍ଦୁଝରରୁ ବାଇକ ଯୋଗେ ଘରକୁ ଫେରୁଥିଲେ। ଖିରେଇଟାଙ୍ଗି ଟୋଲଗେଟ୍ ନିକଟରେ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ସ୍ଥାନରେ ସବୁ ବେଳେ ବିଭିନ୍ନ କାରଣରୁ ରାସ୍ତାରେ ଟ୍ରକ୍ ଗୁଡ଼ିକ ଅଟକି ରହି ବିପଦ ସୃଷ୍ଟି କରିଥାଏ।

### ବାଣିଜ୍ୟ ମେଳା ଉଦ୍‌ଘାଟିତ

ଖୁଣ୍ଟା,୮ା୯(ଦେବରଞ୍ଜନ ବେହେରା)- ଖୁଣ୍ଟା ବଣିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ବଣିକ ସଂଘର ସମ୍ପାଦକ ମନୋଜ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସଂଘର ସଭାପତି କାହ୍ନୁ ଚରଣ ବେହେରା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାନଖୁଣ୍ଟା ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ ମହାନ୍ତି, ହନୁମନ୍ତ କୃପା ପରିଷଦର ସଦସ୍ୟ ଲୋକନାଥ ପଲେଇ, ବଣିକ ସଂଘର ଉପଦେଷ୍ଟା ପ୍ରଦୋଷ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣିକ ସଂଘର ଉପସଭାପତି ତରୁଣ ମହାନ୍ତି, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ସାହୁଙ୍କ ସମେତ ବଣିକ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶହୀଦ ସ୍ମୃତି ଭବନ ପାଇଁ ବିଭିନ୍ନ ସ୍ଥାନରୁ ମାଟି ସଂଗ୍ରହ

■କେନ୍ଦୁଝର ଗସ୍ତରେ ଭାଜପା ରାଜ୍ୟ ସଭାପତି
■ମା' ତାରିଣୀଙ୍କ ଦର୍ଶନ କଲେ, କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ)/ଘଟଗାଁ(ରାଜେନ୍ଦ୍ର କୁମାର ପଟ୍ଟନାୟକ)/ ପାଟଣା(ବୀର କିଶୋର ଦାଶ)/ଢେଙ୍କିକୋଟ (ନୀଳମଣି ମଣ୍ଡଳ),୮ା୯:


ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ସଦର ବିଧାୟକ ମୋହନ ମାଝୀ ଓ ଅନ୍ୟମାନେ।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ଦୁଇ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଅଛନ୍ତି। ମୋ ଦେଶ ମାଟି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ମାଟି ସଂଗ୍ରହ କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଘଟଗାଁ ମା'ତାରିଣୀଙ୍କ ଦର୍ଶନ କରିଛନ୍ତି। ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଦଳୀୟ ନେତା, କର୍ମୀମାନେ ତାଙ୍କୁ ଆନନ୍ଦପୁର, ଢେଙ୍କିକୋଟ, ଘଟଗାଁ, ପାଟଣା ଆଦି ଅଞ୍ଚଳରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଘସିପୁର ନିର୍ବାଚନ ମଣ୍ଡଳୀର ଘଟଗାଁଠାରେ ଦଳୀୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କ ସହିତ ତାରିଣୀଙ୍କ ଦର୍ଶନ କରିଥିଲେ। ପରେ ଦିଲ୍ଲୀଠାରେ ହେବାକୁ ଥିବା ଶହୀଦ ସ୍ମୃତି ଭବନ ପାଇଁ ମୋ ଦେଶ ମାଟି କାର୍ଯ୍ୟକ୍ରମ ଅବସରରେ ପ୍ରଥମେ ଘଟଗାଁ ତାରିଣୀ ପୀଠରୁ ମାଟି ସଂଗ୍ରହ କରିଥିଲେ। ପରେ ଘଟଗାଁର ବିଭିନ୍ନ ସାହି ବସ୍ତିରୁ ମାଟି ସଂଗ୍ରହ କରାଯାଇଥିଲା। ପରେ ଦଳୀୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ସ୍ଥାନୀୟ ହୋଟେଲ ତିରୁପତିଠାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିରୋଧରେ ବ୍ୟାପକ ଜନ ଆନ୍ଦୋଳନ କରି କେନ୍ଦୁଝରରେ ୬ ବିଧାୟକ ଓ ଏମ୍‌ପି ସିଟ୍‌ରେ ଜିତାଇବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱିରାଜ କୁଅଁରଙ୍କ ନେତୃତ୍ୱରେ ଜିଲା ସଭାପତିଙ୍କ ସମେତ ଜିଲା ପ୍ରଭାରୀ ସଞ୍ଜୀବ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ରାଜ୍ୟ ଉପସଭାନେତ୍ରୀ ସୁଖେଶୀ ଓରାମ, ରାଜ୍ୟ ସମ୍ପାଦକ ସରୋଜ କର ଉପସ୍ଥିତ ରହିଥିଲେ। ପାଟଣା ନିର୍ବାଚନ ମଣ୍ଡଳୀ ମଲ୍ଲିପଶି ଛକରେ ଭାଜପା ନେତୃତ୍ୱ ଓ କର୍ମୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ଭାଜପା ସଭାପତି ଅଂଶୁମାନଙ୍କ ନେତୃତ୍ୱରେ ମଲ୍ଲିପଶିଛକଠାରୁ ପଦଯାତ୍ରା ପାଟଣା ମୁଖ୍ୟାଳୟ ପରିକ୍ରମା କରିଥିଲା। ପରେ ସାହାରପଡ଼ା ବ୍ଲକ୍ ଖୁଣ୍ଟାପଡ଼ା ପଞ୍ଚାୟତ ଗୋଜି ଟାଙ୍ଗିରି କାର୍ଗିଲ ଯୁଦ୍ଧରେ ଶହୀଦ ହେମନ୍ତ ମହାନ୍ତଙ୍କ ସ୍ମୃତିସ୍ତମ୍ଭ ନିକଟରୁ ଶହୀଦଙ୍କ ମା' ଗୋଲାପ ମହାନ୍ତଙ୍କଠାରୁ ମନମୋହନ ମାଟି ସଂଗ୍ରହ କରିଥିଲେ। ନିକଟରେ ଶହୀଦଙ୍କ ୨ ଭାଇ ଉପସ୍ଥିତ ଥିଲେ। ପଦଯାତ୍ରାରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ରାଜ୍ୟ ଭାଜପା ପ୍ରବକ୍ତା ବିରଞ୍ଚି ତ୍ରିପାଠୀ, ସଦର ବିଧାୟକ ମୋହନ ଚରଣ ମାଝୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଶବୀର ଦାଶ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଢେଙ୍କିକୋଟଠାରେ ରାଜ୍ୟ ଭାଜପା ସଭାପତିଙ୍କୁ ଦଳୀୟ କର୍ମୀମାନେ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କ ସହ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ସଦର ବିଧାୟକ ମୋହନଚରଣ ମାଝୀ ସାମିଲ ଥିଲେ। ଜିଲା ପ୍ରଭାରୀ ସଞ୍ଜିବ ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ଲବଙ୍ଗଲତା ନାୟକ, ଇନ୍ଦ୍ରମଣି ମହାନ୍ତଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ତାରା


@ଲୁକା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ବ୍ଲକସ୍ତରୀୟ ଖେଳ ଓ ଦୌଡ଼କୁଦ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଜଳେଶ୍ୱର,(ରବିନାରାୟଣ ପାତ୍ର)/ ରାଇବଣିଆ (ନବୀନ ସାହୁ), ୮ା୯

**ଜାତୀୟ ସ୍ତରରେ ଟେକ ଲାଗି ମନ୍ତ୍ରୀଙ୍କ ଆହ୍ୱାନ**

ଜଳେଶ୍ୱର ବ୍ଲକସ୍ତରୀୟ ଖେଳ ଓ ଦୌଡ଼କୁଦ ପ୍ରତିଯୋଗିତା ଶିଖରପୁରସ୍ଥିତ ଶ୍ରୀବରାଳବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଛି । ଏଥିରେ ଏବିଇଓ ସୁଶାନ୍ତ ଜେନା ସଭାପତିତ୍ୱ କରିଥିଲେ । ଉଦ୍‌ଘାଟକ ଭାବେ ରାଜ୍ୟ ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଜଳେଶ୍ୱରର ଛାତ୍ରୀଛାତ୍ର ଜାତୀୟ ସ୍ତରରେ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗଦେଇ ଚଳିତବର୍ଷ କୃତି ଛାତ୍ରୀଛାତ୍ରଙ୍କୁ ପଞ୍ଚାୟତ ସମିତି ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି କହିଥିଲେ । ବ୍ଲକ କ୍ରୀଡା କମିଟି ସମ୍ପାଦକ ହରମହନ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଜେନା ଓ ଜ୍ୟୋସ୍ନାରାଣୀ ପ୍ରଧାନ, ସରପଞ୍ଚ ବିଦ୍ୟାଧର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ଓଷ୍ଟା ଜିଲା ସଭାପତି ମନୋରଞ୍ଜନ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ହାଁସଦା, ମଧୁସୂଦନ ସେନାପତି, ଶ୍ରୀକାନ୍ତ ଦାସ, ଡ. ଅଜିତ୍ ମହାନ୍ତି, ସୁକୁମାର ମିଶ୍ର ଓ ବଂଶୀଧର ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସରୋଜ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଦ୍ଧେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ୧୪ବର୍ଷରୁ କମ୍ ୧୫୦ଜଣ ଓ ମାଧ୍ୟମିକ ସ୍କୁଲ ସ୍ତରୀୟ ୧୭ବର୍ଷରୁ କମ୍ ୪୨ଟି ବିଦ୍ୟାଳୟର ୫ଶହ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିବା ଜଣାଯାଇଛି। କାର୍ଯ୍ୟକ୍ରମକୁ ହେମନ୍ତ କର, ଅରୁଣ ପଣ୍ଡା, ପଲ୍ଲବ ଡଗର, ଶିବକୃଷ୍ଣ ଦେ, ଅମଳେନ୍ଦୁ ରାଉତ, ରବିନ୍ଦ୍ର ବେହେରା, ଦିପକ ଭଂଜ, ଝଲକରାଣୀ ପାତ୍ର, ସମିତା ପଟ୍ଟନାୟକ, ସ୍ନିଗ୍ଧା ଜେନା, ନିର୍ମାଳା ପାତ୍ର, ସୁଲୋଚନା ପାତ୍ର ପ୍ରମୁଖ ଖେଳ ଶିକ୍ଷକ ପରିଚଳନା କରିଥିଲେ ।

## ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକ

ବୈଶିଙ୍ଗା,୮ା୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ମୁନିଲାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବରିଷ୍ଠ ଶିକ୍ଷାବିତ୍ ସତ୍ୟବ୍ରତ ପଣ୍ଡା(ନେତାଜୀ ସାର୍)ଙ୍କର ବୁଧବାର ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏନେଇ ଗୁରୁବାର କଲେଜ ପରିସରରେ ଏକ ଶୋକସଭା ଆୟୋଜିତ ହେବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅଧ୍ୟାପନା କାର୍ଯ୍ୟକ୍ରମ ବାତିଲ କରାଯାଇଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ପର୍ଶୁରାମ ଦାସ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ରେମୁଣା, ୮ା୯(ରବୀନ୍ଦ୍ର ମହାକୁଡ଼)

ରେମୁଣା ହାୟର ସେକେଣ୍ଡାରୀ ସ୍କୁଲ ପରିସରରେ ଡିସିବି ବ୍ୟାଙ୍କ ରେମୁଣା ଗୋଲେଇସ୍ଥିତ ବାଲେଶ୍ୱର ଶାଖା, ରେମୁଣା ହାୟର ସେକେଣ୍ଡାରୀ ସ୍କୁଲର ୟୁଥ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଖବରଦାତା ବିପ୍ଲବ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡିସିବି ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ପ୍ରିୟବ୍ରତ ସାମଲ ଯୋଗଦେଇଥିଲେ। ରେମୁଣା ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ବାଗ ପୌରୋହିତ୍ୟ କରିଥିଲେ। ଡିସିବି ବ୍ୟାଙ୍କର କ୍ଲଷ୍ଟର ହେଡ ଅବିନାଶ ରଥ ଓ ରେମୁଣା କଲେଜ ଅଧ୍ୟକ୍ଷା ଜୟନ୍ତୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୟୁଥ ରେଡକ୍ରସ କାଉନସେଲର ଡ. ପ୍ରଶାନ୍ତ ମହାନ୍ତି ଅତିଥି ପରିଚୟ ଓ ଏନ୍‌ଏସ୍‌ଏସ୍ ବାଳକ ବିଭାଗ ପ୍ରକଳ୍ପ ଅଧିକାରୀ ସିଦ୍ଧାର୍ଥ ଶଙ୍କର କୁଣ୍ଡୁ ଆଭିମୁଖ୍ୟ କହିଥିଲେ। ଡିସିବି ବ୍ୟାଙ୍କର ଗଣେଶ୍ୱରପୁର ଶାଖା ପରିଚାଳକ ପ୍ରଶାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

## ସାମାଜିକ ସୁରକ୍ଷା ସେବା ଅଧିକାରୀ ସଂଘ ପକ୍ଷରୁ ଦାବିପତ୍ର


ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା,୮ା୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ସାମାଜିକ ସୁରକ୍ଷା ସେବା ଅଧିକାରୀ ସଂଘ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟର ୩୦ ଜିଲାରେ ୩୯ଟି ନୂତନ ଅତିରିକ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି କରିବା, ଅତିରିକ୍ତ ୧୫ଟି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି ତଥା ଖାଲିଥିବା ପଦବୀ ପୂରଣ ଓ କ୍ୟାଡରର ପୁନର୍ବିନ୍ୟାସ ତଥା ବେତନ ବୃଦ୍ଧି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସହାୟକ ପାଇଁ ପଞ୍ଚାୟତ ସ୍ତରରେ ସହାୟକ ନିମନ୍ତେ ନୂତନ ପଦବୀ ସୃଷ୍ଟି କରିବା ସହିତ ନିଯୁକ୍ତି ଇତ୍ୟାଦି ଦାବି କରାଯାଇଛି। ଜିଲା ସଂଯୋଜକ ଶର୍ମିଷ୍ଠା ଦତ୍ତଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଉପଖଣ୍ଡ ସମାଜିକ ସୁରକ୍ଷା ଅଧିକାରୀ ସିଦ୍ଧେଶ୍ୱର ବେହେରାଙ୍କ ସହିତ ସାମାଜିକ ସୁରକ୍ଷା ଅଧିକାରୀ ପଲ୍ଲବୀ କବି, ସରୱାନ ସରାନା ହେମ୍ବ୍ରମ, ଶ୍ରୀରାମ ସୁକୁମାର ବେହେରା, ରୁଦ୍ର ନାରାୟଣ ସିଂହ ପ୍ରମୁଖ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ପୁଅକୁ ଝୁରି ଝୁରି ଆଖି ବୁଜିଲେ ବାପା

ଖଇରା, ୮ା୯(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଏକ ଖବରକାଗଜରେ କାର୍ଯ୍ୟରତ ପ୍ରତିନିଧି ଦୟାନିଧି ମହାପାତ୍ରଙ୍କ ମୃତ୍ୟୁର ୨ମାସ ନ ପୂରୁଣୁ ତାଙ୍କ ବୃଦ୍ଧ ପିତା ବିଷ୍ଣୁପ୍ରସାଦ ମହାପାତ୍ର ତାଙ୍କୁ ଝୁରି ଝୁରି ଶୁକ୍ରବାର ପ୍ରାଣ ହରାଇଚନ୍ତି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମହତୀପୁର ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଥମେ ଦୟାନିଧିଙ୍କ ମା ପୂର୍ଣ୍ଣବାସୀ, ପରେ ବଡ଼ପୁଅ ଦୟାନିଧି ଓ ଶେଷରେ ବାପା ବିଷ୍ଣୁ ଏଭଳି ୯ମାସ ମଧ୍ୟରେ ୩ଜଣ ଆଗପଛ ହୋଇ ଆରପାରିକୁ ଯିବାରେ ସମସ୍ତ ଗ୍ରାମବାସୀଙ୍କ ଶୋକାଭିଭୂତ କରିଛି ।

# ରାସ୍ତା ଲାଗି ପଦଯାତ୍ରା

**ମୋଚିଛକ-ପୁରୁଣାବଜାର ରାସ୍ତା ୩୦ ଫୁଟ୍ ଓସାର ଦାବି**

ଭଦ୍ରକ, ୮ା୯(ସନାତନ ରାଉତ)



ପଦଯାତ୍ରାରେ ପୌରାଧକ୍ଷା ଗୁଲମକ୍କୀ ହବିବ ଓ ଅନ୍ୟମାନେ।

ଭଦ୍ରକ କଚେରି ବଜାର ମୋଚିଛକଠାରୁ ଭଦ୍ରକାଳୀ ମନ୍ଦିର ପର୍ଯ୍ୟନ୍ତ ପୁରୁଣାବଜାର ରାସ୍ତା ୩୦ଫୁଟ ଓସାରରେ ନିର୍ମାଣ ଦାବିରେ ଶୁକ୍ରବାର ପୌରାଧକ୍ଷା ଗୁଲମକ୍କୀ ହବିବଙ୍କ ଆବାହକତ୍ୱରେ ଏକ ପଦଯାତ୍ରା କରାଯାଇଛି। ପୁରୁଣାବଜାରରୁ ବାହାରି ପଦଯାତ୍ରା ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ହୋଇଥିଲା। ହଜାର ହଜାର ଲୋକ ଏଥିରେ ସାମିଲ ହୋଇଥିବା ବେଳେ ରାସ୍ତା ନାହିଁ ତ ଭୋଟ ନାହିଁ, ଭଦ୍ରକ ଏକତା ଜିନ୍ଦାବାଦ ଆଦି ନାରାବାଜି କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୩୦ ଫୁଟ ଓସାର ରାସ୍ତା ନିର୍ମାଣ, ରାସ୍ତା କାମ ବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିବା ଏବଂ ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ ପାଇଁ ଦାବି ଉପସ୍ଥାପନ କରିଥିଲେ।

ପରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଭଦ୍ରକାଳୀ ମନ୍ଦିରଠାରୁ ଉତ୍ତରବାହିନୀ ରାସ୍ତା ଆରଡ଼ି ବିଭାଗରୁ ଆର୍ ଆଣ୍ଡ ବିକୁ ହସ୍ତାନ୍ତର କରାଯାଇଛି। ଯେଉଁ ଜାଗାରେ ରାସ୍ତାର ଓସାର ୩୦ ଫୁଟ ନାହିଁ, ସେହି ସ୍ଥାନରେ ରାସ୍ତା ଚିହ୍ନଟ ଏବଂ ଜମି ଅଧିଗ୍ରହଣ ସହ ସମସ୍ତ ପ୍ରକ୍ରିୟା ୪ ମାସ ମଧ୍ୟରେ ଶେଷ କରାଯିବ ବୋଲି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରତିଶ୍ରୁତି ଦେଇଛନ୍ତି। ପୌରାଧକ୍ଷାଙ୍କ ସମେତ ଜାହିଦ୍ ହବିବ, କଂଗ୍ରେସ ନେତା ନଳିନୀ ମହାନ୍ତି, ଶୁଭେନ୍ଦୁ ରାୟ ମହାପାତ୍ର, ସନିଆ ନନ୍ଦ, କାଉନସିଲର ହେମନ୍ତ ସାହୁ, ଫରିୟାତ ଖାଁ, ତପନ ରାଉତ ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ପ୍ରକାଶଥାଉ କି, ଦୀର୍ଘଦିନ ଧରି ଏହି ରାସ୍ତା ନେଇ ବିବାଦ ସୃଷ୍ଟି ହୋଇଥିଲା। ଗତ ମେ ୨ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକରେ ଏହାର ସମାଧାନ କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ପରେ ରାସ୍ତା ନିର୍ମାଣରେ ବିଳମ୍ବ ଏବଂ ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ପୌରାଧକ୍ଷା ପଦଯାତ୍ରା ପାଇଁ ଆହ୍ୱାନ ଦେଇଥିଲେ।

# ସଙ୍କୁଳସ୍ତରୀୟ ରାଷ୍ଟ୍ରୀୟ ଏକତା ପର୍ବ, କଳା ଉତ୍ସବ

ବାଲେଶ୍ୱର, ୮ା୯(ମାନସ ବିଶ୍ୱାଳ)


ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧ରେ ଦୁଇଦିନିଆ ସଂକୁଳ ସ୍ତରୀୟ ରାଷ୍ଟ୍ରୀୟ ଏକତା ପର୍ବ ତଥା କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧ ଓ ୨, ବାରିପଦା କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧ ଓ ୨, ଯାଜପୁର, ବ୍ୟାସନଗର, ଆନନ୍ଦପୁର, ଭଦ୍ରକ ଏବଂ ରାଇରଙ୍ଗପୁରର ୧୫୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଥମେ ବିଦ୍ୟାଳୟର ପ୍ରାଚାର୍ଯ୍ୟ ରବିପ୍ରକାଶ ତଥା ୯ଟି ବିଦ୍ୟାଳୟରୁ ଆସିଥିବା ଏସ୍କର୍ଟ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଏବଂ ସ୍ୱାଗତ ଗାନ ଦ୍ୱାରା ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଚଳିତବର୍ଷ ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ପ୍ରଦେଶକୁ ଅଗ୍ରାଧିକାର ଦିଆଯାଇଥିବାରୁ ଛାତ୍ରୀଛାତ୍ରମାନେ ମରାଠୀ ସମୂହ ନୃତ୍ୟ ପରିବେଷଣ କରିଥିଲେ। ପରେ ଏକକ ନୃତ୍ୟ, ଏକକ ସଙ୍ଗୀତ, ସମୂହ ସଙ୍ଗୀତ, ଏକକ ଅଭିନୟ, ଚିତ୍ରାଙ୍କନ ପ୍ରତିଯୋଗିତା ପ୍ରମୁଖ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା। ସମାପନ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ଉପାଧ୍ୟକ୍ଷ ତଥା ଆଇଟିଆର୍‌ର କମାଣ୍ଡାଣ୍ଟ ଆର୍‌ଏସ୍ ନାଗର ଛାତ୍ରୀଛାତ୍ରମାନଙ୍କୁ ଆର୍ଶୀବଚନ ତଥା ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପର୍ଶୁରାମ ଜେନା ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅରୁଣ କୁମାର ଛାବିରି ପରିଚାଳନା କରିଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ

ରାଇରଙ୍ଗପୁର,(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ଖଡ଼ଖାଈ ନଦୀ ପୋଲ ନିକଟସ୍ଥ ୨୨୦ ନଂ. ଜାତୀୟ ରାଜପଥରୁ ପୋଲିସ ଏକ ଗୋରୁ ଓ ଷଣ୍ଢ ବୋଝେଇ ବୋଲେରୋ ଗାଡ଼ି ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଠାକୁରାଣୀ ବସ୍ତି ଅଞ୍ଚଳର ସେକ୍ ସୁମିନ ଏବଂ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲାର ମହମ୍ମଦ ଆଜାରୁଦ୍ଦିନ। ଜବତ ୨ ଗୋରୁ ଏବଂ ୨ ଷଣ୍ଢଙ୍କୁ ରାଇରଙ୍ଗପୁର ସହରାଞ୍ଚଳ ଗୋଶାଳାକୁ ହସ୍ତାନ୍ତର କରାଯାଇଛି।

### ସଂକ୍ଷେପରେ

## ମା'ଙ୍କ ପାଇଁ ମାଟି ଉଠିଲା



ଢେଙ୍କିକୋଟ,୮।୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ଦେବୀ ମଣ୍ଡପ ଦୁର୍ଗା ପୂଜା କମିଟି ତରଫରୁ ଜନ୍ମାଷ୍ଟମୀ ତିଥିରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ନିମନ୍ତେ ମାଟି ଉଠାଯାଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ କମିଟିର ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ସଂକଳ୍ପଧାରୀ ତ୍ରୈଲୋଚନ ବେହେରା, ଉତ୍ତମ ନାୟକଙ୍କ ଉପଦେଶ ଅନୁଯାୟୀ ନାମ ସଙ୍କୀର୍ତ୍ତନ ଗାନ କରି ଦେବୀ ମଣ୍ଡପ ପୂଜାମେଢ଼ରେ ଥିବା ମା' ଦୁର୍ଗାଙ୍କ ଫଟୋ ପୂଜା କରାଯାଇଥିଲା। ପରେ ସଂକଳ୍ପଧାରୀ ଗୌରୀଶଙ୍କର ମୁନ୍ଦୁଡ଼ାଙ୍କ ଦ୍ୱାରା କେଳ ଦୂମରୁ ପୂଜକ ଗୌରୀଶଙ୍କର ପଣ୍ଡାଙ୍କ ଦ୍ୱାରା ପୂଜା ପାଠ କରି ମାଟି ଉଠାଯାଇଛି। ଅକ୍ଟୋବର ୨୦ ରୁ ଷଷ୍ଠୀ ବେଲ ବରଣୀ ପୂଜା ଆରମ୍ଭ ହୋଇ ୬ ଦିନ ଧରି ଦେବୀ ମଣ୍ଡପରେ ପୂଜା ପାଇବେ। ଦେବୀ ମଣ୍ଡପ ନୂତନ କରି ନିର୍ମାଣ ହୋଇଥିବାରୁ ସ୍ଥାୟୀ ମଣ୍ଡପରେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଚଳିତ ବର୍ଷରୁ ଶୁଭାରମ୍ଭ ହେବ ବୋଲି ସଭାପତି ଚିତ୍ତରଞ୍ଜନ ସାହୁ କହିଛନ୍ତି।

## ବ୍ଲକ ଅଧ୍ୟକ୍ଷାଙ୍କ ଶ୍ୱଶୁରଙ୍କ ପରଲୋକ

ଧାମନଗର,୮।୯ (ସନ୍ତୋଷ କୁମାର ମହାପାତ୍ର)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଧୁଷୁରୀ ପଞ୍ଚାୟତ ହରିହଂଶ ଗ୍ରାମର ଆଦର୍ଶ ଶିକ୍ଷକ, ସାମାଜିକ କର୍ମୀ ଭକ୍ତହରି ନାୟକ(୮୫)ଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରାଙ୍କ ଶ୍ୱଶୁର



ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକଙ୍କ ବାପା। ଭଦ୍ରକ ବନ୍ତ ଛକଠାରେ ଥିବା ବାସଭବନରେ ରହୁଥିବା ବେଳେ ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ସକାଳେ ବାସଭବନରେ ତାଙ୍କର ମୃତ୍ୟୁ ଘଟିଛି। ବିଧାୟକ ସଞ୍ଜୀବ ମଲ୍ଲିକ, ସୂର୍ଯ୍ୟବଂଶୀ ସୂରଜ, ପ୍ରଫୁଲ୍ଲ ସାମଲ, ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ରାଜେନ୍ଦ୍ର ଦାସ, ପୂର୍ବତନ ଏମ୍‌ପି ମଙ୍ଗରାଜ ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଯେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଡା. ସଞ୍ଜୟ ଦାସ, ସାରଦା ପ୍ରସନ୍ନ ସାହୁ, ପୂର୍ବତନ ବିବିସିବି ସଭାପତି ରଘୁନାଥ ଲେଙ୍କା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

### ବର୍ଜନ କଲେ ସରପଞ୍ଚ, ସମିତି ସଭ୍ୟ

ମୋରଡ଼ା,୮।୯(ସ୍ମାରକ ମାଝୀ)



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

କଥା କଟାକଟି ଓ ହୋହଲ୍ଲା ମଧ୍ୟରେ ମୋରଡ଼ା ପଞ୍ଚାୟତ ସମିତିର ଷଷ୍ଠ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପୀଥନାଥ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ବିଡିଓ ଜୟକୃଷ୍ଣ ପାତ୍ର ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ରାଜକିଶୋର ଦାସ, ସହକାରୀ ଯନ୍ତ୍ରୀ ମୋତିଲାଲ ଡୁଙ୍ଗ,ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଜିଲା ପରିଷଦ ସଭ୍ୟା ମିନାକ୍ଷୀ ସୋରେନ, ଜିଲା ପରିଷଦ ସଭ୍ୟ ଅଭିରାମ ଭୋଇ, ଏମ୍‌ପିଙ୍କ ପ୍ରତିନିଧୀ ନଗେନ୍ଦ୍ରନାଥ ନାଏକ, ଜିପିଇଓ ରୁପେଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ଆରମ୍ଭରୁ ବିଭିନ୍ନ ପ୍ରସଙ୍ଗକୁ ନେଇ ବାଦ ବିବାଦ ଉପୁଜିଥିଲା। ବ୍ଲକ ଅଧୀନ ୨୦ଟି ପଞ୍ଚାୟତର ସରପଞ୍ଚ ବିଭିନ୍ନ ଦାବି ନେଇ ବିଡିଓଙ୍କୁ ଦାବିପତ୍ର ଦେବା ସହ ବୈଠକ ବର୍ଜନ କରିଥିଲେ। ସରପଞ୍ଚମାନଙ୍କଠୁ ଦାୟିତ୍ୱ ଛିନ୍ନ କରାଯାଉଥିବାରୁ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ ବୋଲି ସରପଞ୍ଚ ସଂଘର ସଭାପତି ରବି ସିଂ ଅଭିଯୋଗ କରିଥିଲେ। ସେହିପରି ୮ ମାସ ପରେ ବୈଠକ ହୋଇଥିବାରୁ ସମିତି ସଭ୍ୟାସଭ୍ୟମାନେ ମଧ ବୈଠକ ବର୍ଜନ କରିଥିଲେ। ତେବେ ବୁଝାଶୁଝା ପରେ ସମିତି ସଭ୍ୟମାନେ କିଛି ସମୟ ପାଇଁ ବୈଠକକୁ ଆସିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ଚୟନକୁ ନେଇ ବିଧାୟକ ଦାସଙ୍କ ସହିତ ସମିତି ସଭ୍ୟାସଭ୍ୟମାନଙ୍କ କଥା କଟାକଟି ହୋଇଥିଲା। ଯାହାକୁ ନେଇ ବିଧାୟକ କ୍ଷୁବ୍ଧ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଆଗକୁ କାର୍ଯ୍ୟ ଚୟନ ବେଳେ ସମିତି ସଭ୍ୟାସଭ୍ୟଙ୍କ ମତାମତ ନିଆଯିବ ବୋଲି ବିଧାୟକ କହିଥିଲେ ମଧ ସମିତି ସଭ୍ୟାସଭ୍ୟ ଜିଦ୍‌ରେ ଅଟଳ ରହିଥିଲେ। ସମିତି ସଭ୍ୟ ଲକ୍ଷ୍ମୀଧର ମାର୍ଣ୍ଡି ବିଧାୟକ ଦାସଙ୍କୁ କେବଳ ଜଣେ ସମ୍ମାନିତ ଅତିଥିଭାବରେ ସୀମିତ ରହିବାକୁ କହି କଡ଼ା ସମାଲୋଚନା କରିଥିବା ଦେଖିବାକୁ ମିଳିଥିଲା। ତେବେ ବ୍ଲକ ଅଧ୍ୟକ୍ଷ ପଦ ବିଜେଡି ହାତେଇ ଥିଲେ ମଧ ବିଧାୟକ ଦାସଙ୍କ ପ୍ରତି ଜନପ୍ରତିନିଧିଙ୍କ ସମର୍ଥନ କମୁଥିବା ଏହି ବୈଠକରେ ପ୍ରତୀୟମାନ ହୋଇଥିଲା।

## କୃଷ୍ଣ ଭକ୍ତିରେ ବିଭୋର ହେଲେ ମହିଳା

ଭୋଗରାଇ,୮।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଅବସରରେ ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ଓ ରାଧା ବେଶରେ ସଜେଇ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭଗବାନଙ୍କ ଆବିର୍ଭାବରେ ଶଙ୍ଖ ଧ୍ୱନି, ପୂଜାର୍ଚ୍ଚନା, ଆରାଧନାରେ ଗାଁ ଦାଣ୍ଡ ଉଚ୍ଛୁଳି ପଡିଥିଲା। ଏହି ଅବସରରେ ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଭୋଗରାଇର ଓଡିଶା ବ୍ରିଗେଡ ସ୍କୁଲର ଚେୟାରମ୍ୟାନ ଘନଶ୍ୟାମ ଜେନା, ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ଅଙ୍କିତା ଦାସ, ସାବିତ୍ରୀ ପାତ୍ର, କ୍ରିଷ୍ଣା ବିଶାଳ, ମଧୁମିତା ପଣ୍ଡା, ସୁମିତ୍ରା ଦେ ଓ ସବିତା ମୁଖୀ, ସହାୟିକା ହରିପ୍ରିୟା ପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଅଭିଭାବକ ଓ ଅଭିଭାବିକାମାନେ ସହଯୋଗ କରିଥିଲେ। ଅପରପକ୍ଷରେ ଚନ୍ଦନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାନିକେତନର ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସଜେଇ ହୋଇ ଜଳସହୋରିଆ ଗ୍ରାମର ଆଦର୍ଶ ଶିକ୍ଷକ ଶ୍ରୀହରି ଚରଣ ଦାସଙ୍କ ବାସଭବନରେ ସମବେତ ହେବା ଅବସରରେ ମହିଳାମାନେ ଭଗବାନ କୃଷ୍ଣଙ୍କୁ ବନ୍ଦାପନା କରି ଭକ୍ତି ଆରାଧନା କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀଦାମ କୁଣ୍ଡୁ ଲକ୍ଷ ଓ ଉଦେଶ୍ୟ ଜ୍ଞାପନ ପରେ ଛାତ୍ରୀଛାତ୍ରଙ୍କୁ ଜଳଯୋଗରେ ଆପ୍ୟାୟିତ କରାଯାଇଥିଲା।



କୃଷ୍ଣ ବେଶରେ ସଜ୍ଜିତ ଜଣେ ଛାତ୍ରଙ୍କୁ ମହିଳାମାନେ ବନ୍ଦାପନା କରିଥିଲେ।

## ଗୁରୁକୁଳରେ ରାଶନ ବାଣ୍ଟିଲେ, ଗଛ ଲଗାଇଲେ



ଅତିଥି ଓ ଏସ୍‌ଡିପିଓଙ୍କ ଗହଣରେ ଛାତ୍ରୀଛାତ୍ର।

ରୂପସା, ୮।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ପିଣ୍ଡାବଣିଆ ବୈଦିକ ଗୁରୁକୁଳ ଆଶ୍ରମରେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ଜନ୍ମାଷ୍ଟମୀରେ ଗରିବ ଓ ଅସହାୟ ପିଲାମାନଙ୍କୁ ରାଶନ ସାମଗ୍ରୀ ବଣ୍ଟନ ସହିତ ଗୁରୁକୁଳ ଆଶ୍ରମ ତଥା ଦୋଳମେଳନ ପଡ଼ିଆରେ ଚାରାରୋପଣ କରି ନିଜ ମହାନତାର ପରିଚୟ ଦେଇଛନ୍ତି।

ଏହି ଅବସରରେ ଗୁରୁକୁଳର ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ପୌରୋହିତ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସୁସ୍ଥ ପରିବେଶ ପାଇଁ ବୃକ୍ଷରୋପଣ ଏକ ମହତ କାର୍ଯ୍ୟ ବୋଲି ମୁଖ୍ୟଅତିଥି ଏସ୍‌ଡିପିଓ ମାନସ କୁମାର ଦେଓ ବକ୍ତବ୍ୟରେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ସମାଜସେବୀ ସୁମନ୍ତ କୁମାର ଜେନା ଓ ହେଲ୍ପ ଫର୍ ୟୁ ଫାଉଣ୍ଡେଶନର ସଦସ୍ୟ ରାଜେଶ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ପକ୍ଷରୁ ପଣ୍ଡିତ ସୁରେନ୍ଦ୍ର ସିଂହ, ଅରୁଣ କୁମାର ସେଠୀ, ଠକରା ଦଳେଇଙ୍କ ସମେତ ଆଶ୍ରମ ଅନ୍ତେବାସୀମାନେ ସହଯୋଗ କରିଥିଲେ। ଗୁରୁକୁଳ ପକ୍ଷରୁ ପୂର୍ବତନ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ୩ ଗିରଫ

ଯୋଡ଼ା,୮।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଝୁମ୍ପୁଡ଼ି ହଟିଂଠାରେ ରହୁଥିବା କୁନ୍ଦନ କୁଦାରଙ୍କ ଘରୁ ସୁନା ଅଳଙ୍କାର ଚୋରି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯୋଡ଼ା ଲକ୍ଷ୍ମୀ ପଡ଼ିଆ ଅଞ୍ଚଳର ସଞ୍ଜୟ ପାତ୍ର, ଝୁମ୍ପୁଡି ହଟିଂର ଚନ୍ଦନ ମୁଣ୍ଡା ଓ ଜନତା ଓରଫ ସାନି। ଅଭିଯୁକ୍ତଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତିରେ ଉକ୍ତ ହଟିଂର କୁନ୍ଦନଙ୍କ ଘରୁ କିଛି ଦୁର୍ବୃତ୍ତ ସୁନା ଅଳଙ୍କାର ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ଛାନଭିନ୍ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟଠାରୁ ଚୋରି ହୋଇଥିବା ସୁନା ଗହଣା ଜବତ ହୋଇଛି। ପୋଲିସ ଏକ ଚୋରି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ସୂଚନା ଦେଇଛି।

## ଯୁବ ଯାଦବ ମହାସଭା ପକ୍ଷରୁ ଜନ୍ମାଷ୍ଟମୀ, ନନ୍ଦୋତ୍ସବ

ଭଦ୍ରକ, ୮।୯(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଯୁବ ଯାଦବ ମହାସଭା ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ଠାରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସଭାପତି ଖବରଦାତା ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟଅତିଥି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ନରେନ ପଲେଇ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ଯାଦବ ସଭାପତି ସୁଧାଂଶୁ ନାୟକ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ସାମାଜିକ କର୍ମୀ ସଂଯୁକ୍ତା ଦାସ, ଭାଜପା ଜିଲା ସଭାନେତ୍ରୀ କଳ୍ପନା ଜେନା, ଶିକ୍ଷାବିତ୍ ରମାକାନ୍ତ ନାୟକ, ରାଜ୍ୟ ଯୁବ ସମ୍ପାଦକ ଅମର ନାୟକ, ଜିଲା ଯୁବ କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡ଼ା, ସୁଶ୍ରୀ ଅଞ୍ଜନା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କବି ମନୋଜ ପଣ୍ଡା ମଞ୍ଚ ଆମନ୍ତ୍ରଣ, ଆବାହକ କୃଷ୍ଣଚନ୍ଦ୍ର ବେହେରା, ଜଗତ ଜୀବନ ବାରିକ, ରାଜେଶ ବାରିକ ଓ କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ, ଯାଦବ ନେତା ନିତ୍ୟାନନ୍ଦ ବେହେରା, ବିଜୟ ବରଜ, ଅଧାପକ ଜୟନ୍ତ ପରିଡ଼ା, ଶଶିଶେଖର ବେହେରା, ଶିକ୍ଷକ ଗୋପବନ୍ଧୁ ବାରିକ, ଅଭିଜିତ ପୁଣ୍ଟିଆଙ୍କ ସହ ନୃତ୍ୟ ପରିବେଷଣ କରିଥିବା ୧୫୦ ପିଲା ଏବଂ ବିଚାରପତି ଥିବା ଚଇତାଳି ଖିଲାର, ଜାନକୀ ପାଢ଼ୀ, ମନୋରମା ରାୟ, ଶଶିକଳା ମିଶ୍ର ଓ ନୃତ୍ୟ ନିର୍ଦ୍ଦେଶକ ନିର୍ଦ୍ଦେଶିକାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସଞ୍ଜୀବ ନାୟକ, ସାଧୁ ବାରିକ, ସତ୍ୟବ୍ରତ ଦାସ, ସୁରତ ଦାସ, ବିରଞ୍ଚି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ନନ୍ଦ ଉତ୍ସବ ମଧ ପାଳନ କରାଯାଇଥିଲା।




ଜନ୍ମାଷ୍ଟମୀ ଉତ୍ସବରେ ଅତିଥିମାନେ।

## ଗୀତା କୁଇଜରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସଫଳତା

ବାଲେଶ୍ୱର, ୮।୯ (ମାନସ ବିଶ୍ୱାଳ)

ରେମୁଣା ଇସ୍କନ ମନ୍ଦିର ଦ୍ୱାରା ଜନ୍ମାଷ୍ଟମୀ ଉପଲକ୍ଷେ ଆୟୋଜିତ ଗୀତା କୁଇଜ ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରାଥମିକ ପର୍ଯ୍ୟାୟରେ ୧୫ଟି ମହାବିଦ୍ୟାଳୟରେ ଗୀତା କୁଇଜ୍ ଅୟୋଜନ କରାଯାଇଥିଲା ଏବଂ ପ୍ରତ୍ୟେକ ମହାବିଦ୍ୟାଳୟରୁ ୧୦ଜଣ କୃତୀ ପ୍ରତିଯୋଗୀଙ୍କୁ ଚିହ୍ନଟ କରି ୧୫ଟି ଦଳ ଗଠନ କରାଯାଇଥିଲା। ଖୋଲା କୁଇଜ୍ କାର୍ଯ୍ୟକ୍ରମରେ ୧୫ଟି ଦଳ ଭାଗ ନେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛି ଯାହା ଗୌରବର ବିଷୟ ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି। ଦଳର କୃତି ପ୍ରତିଯୋଗୀଙ୍କ ମଧ୍ୟରେ ଶୁଭଶ୍ରୀ ଦାସ, ସତ୍ୟଜିତ ନାୟକ, ମୋନାଲିସା ମହାନ୍ତି, ପୂଜାରାଣୀ ସେଠୀ, ବୈଶାଖୀ ବେହେରା, ପିଙ୍କୁନ ମାଝୀ, ସୁରେଶ କୁମାର ନାହାକ, ବିଶ୍ୱମ୍ଭର ମହାନ୍ତି, ସୁଜାତା ବେହେରା, ତପସ୍ୱିନୀ ନିଶାଙ୍କ ଏବଂ ଦଳର ପ୍ରଶିକ୍ଷକ ଭାବରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଶଶାଙ୍କ ଶେଖର ଗଡନାୟକ ରହିଛନ୍ତି।

## 'କେନ୍ଦୁଝର ମଡେଲକୁ ଅନ୍ୟମାନେ ଅନୁସରଣ କରିବେ'

### କର୍ଟିନ ବିଶ୍ୱବିଦ୍ୟାଳୟ ସହ ସହଭାଗିତା ଉତ୍ସବ ପାଳିତ

କେନ୍ଦୁଝର,୮।୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପ୍ରଶାସନ ସହାୟତାରେ କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜରୁ ମାଇନିଂ ଇଞ୍ଜିନିୟରିଂରେ ବିଟେକ୍ ପାସ କରିଥିବା ୫ ଛାତ୍ରୀଛାତ୍ର ଅଷ୍ଟ୍ରେଲିଆର କର୍ଟିନ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିବାକୁ ଯିବେ। ଏ ନେଇ ଶୁକ୍ରବାର କେନ୍ଦୁଝର ଅଡିଟୋରିୟମରେ ସରକାରୀ ଇଞ୍ଜିନିୟରିଂ କଲେଜ ଓ କର୍ଟିନ ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିବା ସହଭାଗିତାର ଉତ୍ସବ ପାଳନ କରାଯାଇଛି।

ଏଥିରେ କୋଲକାତାଠାରେ ଅବସ୍ଥାପିତ ଅଷ୍ଟ୍ରେଲିଆର କନ୍‌ସୁଲ ଜେନେରାଲ ରୋୱାନ ଏନ୍ସୱର୍ଥ ଆଭାସି ଯୋଗେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇ ଜିଲା ପ୍ରଶାସନର ପ୍ରୟାସକୁ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ନିବେଶ କରି ଆମେ ଆମ ଭବିଷ୍ୟତକୁ ତିଆରି କରୁଛେ। କେନ୍ଦୁଝରର ଏହି ମଡେଲକୁ ଆଗାମୀ ଦିନରେ ଅନ୍ୟମାନେ ଅନୁସରଣ କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ବାଣିଜ୍ୟ ଏବଂ ନିବେଶ କମିଶନର ଡେନିସ ଇଟନ, କର୍ଟିନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାର୍କ ଓଡେନ, ୱେଷ୍ଟର୍ନ ଅଷ୍ଟ୍ରେଲିଆର ବାଣିଜ୍ୟ ଓ ନିବେଶ ଉପ ମହାନିର୍ଦ୍ଦେଶକ ଆଲେକ୍ସ କିଙ୍ଗ, ଭାରତ ଓ ଗଲ୍ଫ କ୍ଷେତ୍ର ପାଇଁ ନିଯୁକ୍ତ ୱେଷ୍ଟର୍ନ ଅଷ୍ଟ୍ରେଲିଆର ବାଣିଜ୍ୟ ଓ ନିବେଶ କମିଶନର ନଶିଦ ଚୌଧୁରୀ ଏବଂ ଦକ୍ଷିଣ ଏସିଆ ଦାୟିତ୍ୱରେ ଥିବା ଆଇଡିପି ଅଷ୍ଟ୍ରେଲିଆର ଡେଷ୍ଟିନେଶନ ଡାଇରେକ୍ଟର ପ୍ରତିଭା ସେନ ପ୍ରମୁଖ ଅଭାସି ମାଧ୍ୟମରେ ଯୋଡ଼ି ହୋଇଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ପ୍ରଫେସର ତ୍ରିଲୋଚନ ସାହୁ, ମାଇନିଂ ବିଭାଗ ମୁଖ୍ୟ ଡ. ସୌମ୍ୟରଞ୍ଜନ ମଲ୍ଲିକ, କର୍ଟିନ ବିଶ୍ୱବିଦ୍ୟାଳୟରେ ପଢ଼ିବା ଲାଗି ଚୟନ ହୋଇଥିବା ୫ ଛାତ୍ରୀଛାତ୍ର ସୁଶ୍ରୀ ମିନର୍ଭା ସାହୁ, ଅଦ୍ୱିକ କୁମାର, ଆକିବ ଅହମ୍ମଦ, ଗିତିଶ ଶେଖର ନାୟକ, ସରୋଜ କୁମାର ବିଶ୍ୱକର୍ମା ମଞ୍ଚାସୀନ ଥିଲେ। ଏହି ଅବସରରେ ୫ ଛାତ୍ରୀଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା। ସରକାରୀ ଇଞ୍ଜିନିୟରିଂ କଲେଜ, ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ ଓ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସ୍ୱତନ୍ତ୍ର ପାଇପ୍ ଯୋଗେ ଯୋଗାଣ ହେବ ପାନୀୟଜଳ



ବିଡିଓଙ୍କ କାର୍ଯ୍ୟାଳୟରେ ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା କରାଯାଉଛି।

ତିହିଡ଼ି,୮।୯(ସଞ୍ଜିତ ବଳ)

### ପାଣି ପାଇଁ ଗଣଧାରଣା ସ୍ଥଗିତ

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଈଶ୍ୱରପୁର ଗ୍ରାମର ୧ନଂ. ୱାର୍ଡରେ ପାନୀୟ ଜଳରୁ ବଞ୍ଚିତ ଅଧିବାସୀମାନେ ଶୁକ୍ରବାର ଦେବାକୁ ଥିବା ଗଣଧାରଣା ସ୍ଥଗିତ ରଖିଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ପ୍ରକଳ୍ପରୁ ସ୍ୱତନ୍ତ୍ର ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ଶୁକ୍ରବାର ବିଡିଓଙ୍କ କାର୍ଯ୍ୟାଳୟରେ ସ୍ଥିର ହେବା ପରେ ଧାରଣା ସ୍ଥଗିତ କରାଯାଇଛି। ବିଡିଓ ଜ୍ୟୋତିର୍ମୟ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଖଗେନ୍ଦ୍ର ପ୍ରସାଦ ବେହେରା, ସରପଞ୍ଚ ପବିତ୍ର ମୋହନ ମଳିକ, ସାମାଜିକ କର୍ମୀ ଶରତ କୁମାର ଦାସ ପ୍ରମୁଖ ପାଣି ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରକଳ୍ପର ପାଣିକୁ ଲୋକେ ବାଡ଼ି ଓ କ୍ଷେତରେ ମଡ଼ାଉଥିବା ବେଳେ ପିଇବାକୁ ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ୱାର୍ଡବାସୀ ଦର୍ଶାଇଥିଲେ। ବିଡିଓ କର ଏଥିରେ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ସେମାନେ କିପରି ପାନୀୟ ଜଳ ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ସହକାରୀ ଯନ୍ତ୍ରୀ ବେହେରାଙ୍କୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କରିଥିବା ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯିବ ବୋଲି ବିଡିଓ କର କହିଥିଲେ।

ସୂଚନାଯୋଗ୍ୟ, ବର୍ଷେ ହେଲା ଈଶ୍ୱରପୁର ଗ୍ରାମ ୧ନଂ. ୱାର୍ଡର ୫ଶହ ଲୋକ ପାନୀୟ ଜଳରୁ ବଞ୍ଚିତ ହେବା ପରେ ଏଥିରେ ଅସନ୍ତୋଷ ପ୍ରକାଶ କରି ବ୍ଲକ କାର୍ଯ୍ୟାଳୟରେ ଗଣଧାରଣା ଦେବେ ବୋଲି ସ୍ଥିର କରିଥିଲେ। ଭୀମସେନ ମଳିକ, ସୂର୍ଯ୍ୟମଣି ଦାସ, ରମେଶ ଚନ୍ଦ୍ର ମଳିକ, ଦେବେନ୍ଦ୍ର ମଳିକ, ବୈରାଗୀ ମଳିକ, ତରୁଣ ମଳିକ, ଚରଣ ମଳିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ନନ୍ଦ ଉତ୍ସବରେ ହରି କଥାମୃତ ଶୁଣିଲେ ଭକ୍ତ

ବାଲିଆପାଳ, ୮।୯(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ରାଧା ମଦନମୋହନ ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ମହାଆଡ଼ମ୍ବରରେ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପ୍ରବଚନ ସମାରୋହରେ ଭକ୍ତମାନେ ହରି କଥାମୃତ ଶ୍ରବଣରେ ମଜ୍ଜି ରହିଥିଲେ। ବହୁଦିନରୁ ରଙ୍ଗରାଜ ମାଧବ ଦାସ ବ୍ରହ୍ମଚାରୀ ପ୍ରଭୁଙ୍କ ମୁଖରୁ ହରିକଥା ଶ୍ରାବଣ ପୂରଣ ହେଲା ବୋଲି ଭକ୍ତମାନେ କହିଥିଲେ। ମନ୍ଦିରରେ ପୂଜା ଦାୟିତ୍ୱରେ ଉଜ୍ଜଳ ଗୌରହରି ଦାସ ପ୍ରଭୁ, ସଂକୀର୍ତ୍ତନରେ ମୃତ୍ୟୁଞ୍ଜୟ ପ୍ରଭୁ, ବିଜୁ ପ୍ରଭୁ, ମନୋରଞ୍ଜନ ମଣ୍ଡଳ, ବ୍ରହ୍ମ ତୀର୍ଥ ପ୍ରଭୁ, ଦିବ୍ୟ ଧାମ ଗୌର ଦାସ, ଧର୍ମାତ୍ମା ପ୍ରଭୁ, ରାଧାକୃଷ୍ଣ ସାହୁ, ରାଧା ମତାଜି, ଯଶୋଦା ମତାଜୀ, ଗଙ୍ଗାମଣି ମାତାଜି, ଗୀତାଞ୍ଜଳୀ ଦାସ ମାତାଜୀ, ଶାନ୍ତିଲତା ତୁଳସୀ ଦେବୀ, ଭୁବନମୋହନ ପିଳା, ନବୀନ କୁମାର ପାତ୍ର ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇଥିଲେ। ସମସ୍ତ କାର୍ଯ୍ୟ ମନ୍ଦିର ପ୍ରତିଷ୍ଠାତା ଡା. ହରେକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶେଷ ହୋଇଥିଲା।

## ଗାଁ ସାଥି ମେଟ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

କେନ୍ଦୁଝର,୮।୯(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ) :

କେନ୍ଦୁଝର ଗାଁ ସାଥି ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜବକାର୍ଡଧାରୀଙ୍କୁ ଅନୁନ୍ୟ ୨୦୦ ଦିନର କାମ ଯୋଗାଣ, ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ୯ ହଜାର ଟଙ୍କା ସୁନିଶ୍ଚିତ କରିବା, ସମସ୍ତ ଲାଇନ୍ ବିଭାଗରେ ମେଟ୍‌ମାନଙ୍କୁ ନିୟୋଜିତ କରିବା, ଶ୍ରମିକଙ୍କ ବକେୟା ମଜୁରୀ ପ୍ରଦାନ, ଡିଏମଏଫରୁ ମିଳୁଥିବା ୯୩ ଟଙ୍କା ପୁନଃ ପ୍ରଦାନ ଆଦି ସାତ ଦଫା ଦାବିରେ ଆନ୍ଦୋଳନ କରାଯାଇଛି। ଆନ୍ଦୋଳନକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ବସି ପ୍ରତିବାଦ ଜଣାଇଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଥିଲା। ସ୍ଥାନୀୟ ସମସ୍ୟା ଗୁଡ଼ିକ ସମାଧାନ ହେବା ନେଇ ପ୍ରଶାସନ ନିକଟରୁ ଆଶ୍ୱାସନା ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

